## ରାମ ନବମୀରେ ଶୋଭାଯାତ୍ରା



ପୋଲସରା,୨୭ ।୩(ସମିସ): ଶ୍ରୀରାମ ନବମୀ ଅବସରରେ ପୋଲସରା ଯୁବ ବିଜେପିତରଫରୁ ଏକ ବିଶାଳ ବାଇକ ରାଲିର ଆୟୋଜିତ ହୋଇଥିଲା । ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗଦେଇ ଲୁଣିଘାଟି ପଡ଼ିଆଠାରୁ ଶ୍ରୀରାମ ମନ୍ଦିର, ରାଣୀପଡ଼ା ପର୍ଯ୍ୟନ୍ତ ଆୟୋଜିତ ବିଶାଳ ଶୋଭାଯାତ୍ରାରେ ନିଜକୁ ସାମିଲ କରିଥିଲେ । ଏହି ଶୋଭାଯାତ୍ରା କେବଳ ଏକ ଆୟୋଜନ ନୁହେଁ ବରଂ ଧର୍ମ, ସଂସ୍କୃତି ଓ ଏକତାର ଜୀବନ୍ତ ପ୍ରତିଛବି । ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ କରୁଣାରୁ ରାମଭକ୍ତଙ୍କୁ ସୁଖ ସମୃଦ୍ଧିର ଆଶୀର୍ବାଦ ପ୍ରାପ୍ତ ହେଉ ବୋଲି ମନ୍ତ୍ରୀ ନିଜ ପ୍ରତିକ୍ରିୟା ରେ କହିଥିଲେ । କାର୍ଯ୍ୟକ୍ରମରେ ସମାଜସେବୀ ପ୍ରଭାକର ପଣ୍ଡା, ଦୀପକ କୁମାର ପ୍ରଧାନ, ଜଗନ୍ନାଥ ବାଢେଇ, ମୋତିରାମ ସାହୁ, ମନୋଜ କୁମାର ଖଟୁଆ, ରାମକୃଷ୍ଣ ପ୍ରଧାନ, ପ୍ରସନ୍ନ କୁମାର ଡାକୁଆଙ୍କ ନେତୃତ୍ୱରେ ୧୫୦୦ରୁ ଊ ମୋଟରସାଇକେଲ ସାମିଲ ହୋଇଥିଲା ।

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ଆସିକା,୨୭ ।୩(ସମିସ): ଆସିକା ଥାନା ଅନ୍ତର୍ଗତ ବଡ଼ନଦୀ ତଟର ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି । ମୃତକ ହେଲେ ପାଟପୁର ଗାନ୍ଧୀ ଛକ ଅଞ୍ଚଳର କୈଳାଶ ସ୍ୱାଇଁ(୩୫) । କୈଳାଶ ଗତ ୨୩ ତାରିଖ ଠାରୁ କୌଣସି କାରଣକୁ ନେଇ ପରିବାର ମଧ୍ୟରେ ଝଗଡା ହୋଇ ଘରୁ ବାହାରିଥିଲେ । ପରେ ସେହି ଗାଁର ପୁରୁଷୋତ୍ତମ ସାହୁଙ୍କ ଏକ୍ସଲି ଗାଡି ମାଗି ଘରୁ ଆସିବି କହି ଆଉ ଗାଁକୁ ଫେରି ନଥିଲେ । ତେବେ କୈଳାଶ ଗାଡି ନେଇଥିବା ସମ୍ପର୍କରେ ପାଟପୁର ଥାନାରେ ଅଭିଯୋଗ ହୋଥିବା ବେଳେ ଶୁକ୍ରବାର ଦିନ ବଡ଼ ନଦୀ ତଟର ଏକ ଗଛରୁ କୈଳାଶଙ୍କ ଝୁଲନ୍ତା ମୃତଦେହ ପୁଲିସ ଜବତ କରି ତଦନ୍ତ କରିଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଘଟଣାସ୍ଥଳରେ ଆସିକା ଥାନା ଅଧିକାରୀ ସୁଧୀର ସାହୁ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଦୁଇ ରାତିରେ ତିନି ଚୋରି, ସୁରାକ ପାଉନି ପୁଲିସ

ଜଗନ୍ନାଥପ୍ରସାଦ,୨୭ ।୩(ସମିସ): ଗତ ଦୁଇ ଦିନ ଧରି ଜଗନ୍ନାଥପ୍ରସାଦ ଅଞ୍ଚଳରେ ତିନିଟି ଚୋରି ଘଟଣା ଘଟିଛି । ହାଟପଦା ମୁଖ୍ୟ ବଜାରରେ ଥିବା ତ୍ରିନାଥ ଜୁଏଲର୍ସର ମାଲିକ ଟି.ତ୍ରିନାଥ ଆଚାରୀଙ୍କ ଘରୁ ୨୫ ତାରିଖ ମଧ୍ୟରାତ୍ରରେ ନଗଦ ୫୦ହଜାର, ସୁନା କାନର ୨ହଳ, ରୁପା ପାଉଁଜି ୧୦ହଳ ଏବଂ ୨୨କ୍ୟାରେଟ ସୁନା ୭ ଗ୍ରାମ ଏବଂ ଦୋକାନ ପାଖ ଘର ଲୁହା ଆଲମିରା ଭାଙ୍ଗି ଚୋରମାନେ ଚୋରି କରି ନେଇଛନ୍ତି । ତ୍ରିନାଥ ଏନେଇ ୨୬ରିଖ ସକାଳେ ଥାନାରେ ଅଭିଯୋଗ କରିଥିଲେ । ସେହିପରି ୨୬ ତାରିଖ ମଧ୍ୟରାତ୍ରିରେ ମୁଖ୍ୟ ରାସ୍ତାରେ ଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ପ୍ରଧାନଙ୍କ ଘରୁ ୧୨ଭରି ସୁନା ଅଳଙ୍କାର, ୧୮ ଭରି ରୁପା ସମେତ ନିଜର ଦେହ ଚିକିତ୍ସା ପାଇଁ ନଗଦ ୧.୫ ଲକ୍ଷ ଟଙ୍କା ଚୋରି ହୋଇଯାଇଛି । ପୁଣି ସେହି ରାତିରେ ସମାନ ଢଙ୍ଗରେ ନିରଞ୍ଜନ ପ୍ରଧାନ ଘର ଠାରୁ ମାତ୍ର ୨୦୦ମିଟର ଦୂରରେ ଥିବା ମାମି ଗୌଡ଼ଙ୍କ ଘରୁ୧୦ହାଜର ଟଙ୍କା ଓ କଂସା ପିତଳ ସମାନ ଚୋରି ହୋଇ ଯାଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି । ଜଗନ୍ନାଥପ୍ରସାଦ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ଭଞ୍ଜନଗର ପୁଲିସ ଉପଖଣ୍ଡ ଅଧିକାରୀ ଡ଼ଃ.ଦୀପକ କୁମାର ମିଶ୍ର ସଦଳବଳେ ପହଞ୍ଚି ଚୋରି ହୋଇଥିବା ପରିବାର ସହ ଆଲୋଚନା କରି ଛନାଭିନ ଆରମ୍ଭ କରିଥିଲେ । ହେଲେ କୌଣସି ସୁରାକ ମିଳନି । ଅପରପକ୍ଷେ ଦୁଇ ଦିନରେ ତିନି ତିନୋଟି ଚୋରି ଘଟଣା ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

## ଜରାଜୀର୍ଣ୍ଣ ଅବସ୍ଥାରେ ଶ୍ମଶାନ ଗୃହ



କୋଦଳା,୨୭ ।୩(ସମିସ): ବେଗୁନିଆପଡ଼ା ବ୍ଲକ୍ ଅନ୍ତର୍ଗତ ଅଙ୍ଗାରଗାଁ ପଞ୍ଚାୟତ ନୂଆଗଡ ଗ୍ରାମର ଶ୍ମଶାନ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ସୂଚନା ଅନୁଯାଇ ଏହି ଶ୍ମଶାନ ଗୃହଟି ବହୁ ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା । ବର୍ତ୍ତମାନ ତାହା ଜରାଜୀର୍ଣ୍ଣ ଭାବେ ରହିଛି । ଛାତରୁ ସିମେଣ୍ଟ ଛାଡ଼ିବା ସହ ଛଡ ପଦାକୁ ଦେଖାଗଲାଣି । କେତେବେଳେ ଯେ ଛାତ ଗଳି ପଡ଼ିବ କିଛି କହିହେବ ନାହିଁ । ଏଥିସହିତ ଲତା ବୁଦା ସବୁ ମାଡ଼ି ଗଲାଣି । ଜୀବନର ଶେଷ ସ୍ଥାନର ଅବସ୍ଥା ଯଦି ଏମିତି ହେବ ତାହା ଭାରି ଦୁଃଖ ଦାୟକ ଅଟେ । ବର୍ଷା ଦିନରେ ଯଦି କୌଣସ ବ୍ୟକ୍ତିଙ୍କର ପ୍ରାଣବାୟୁ ଉଡିଗଲା ତେବେ ଶବ ସଂସ୍କାର ଯେ କେତେ କଷ୍ଟ ଦାୟକ ଜଣେ ଅନୁଭବି ହିଁ ତାହା କହିପାରିବ । ଏଥିସହିତ ଏହି ଶ୍ମଶାନ ଗୃହଟି ବିଦ୍ୟାଳୟ ନିକଟରେ ଏବଂ ଗ୍ରାମ୍ୟ ରାସ୍ତା ନିକଟରେ ହୋଇଥିବାରୁ ଏହାକୁ ସ୍ଥାନାନ୍ତର କରିବା ପାଇଁ ସାଧାରଣରେ ଦାବି ହୋଇଛି । ଏ ଦିଗରେ ସରକାରୀ ବାବୁ ଏବଂ ଜନ ପ୍ରତିନିଧି ମାନେ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ସାହାରା ନର୍ସିଂ ହୋମ ପୁଣି ସିଲ୍

## ମାଲିକ ଅଟକ!

ସାନଖେମୁଣ୍ଡି,୨୭ ।୪(ସମିସ)



ସାନଖେମୁଣ୍ଡି ବ୍ଲକ ଡେଙ୍ଗାଉସ୍ତାରେ ଥିବା ଘରୋଇ ସାହାରା ନର୍ସିଂ ହୋମକୁ ପୁଣି ଥରେ ସିଲ୍ କରିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ । ଶୁକ୍ରବାର ଅପରାହ୍ନରେ ସାନଖେମୁଣ୍ଡି ତହସିଲଦାର ତଥା ଏକଜ୍ୟୁକୁଟିଭ ମାଜିଷ୍ଟ୍ରେଟ ରାମଚନ୍ଦ୍ର ପଟ୍ଟନାୟକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଡ୍ରଗସ ଇନ୍ସପେକ୍ଟର, ଚିକିଟି ଏସଡିପିଓ ବିଶ୍ୱରଞ୍ଜନ ହରପଲ୍, ଦିଗପହଣ୍ଡି ପୁଲିସ ସମ୍ପୃକ୍ତ ନର୍ସିଂ ହୋମରେ ପହଞ୍ଚି ତଦନ୍ତ କରିବା ପରେ ସିଲ୍ କରିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ୨୦୨୫ ମେ ମାସ ୧୩ ତାରିଖରେ କରାଖଣ୍ଡି ଗ୍ରାମର ରୋଜି ନାୟକ ପ୍ରସବ ପାଇଁ ସାହାରା ନର୍ସିଂ ହୋମକୁ ଯାଇଥିଲେ । ପ୍ରସବ ସମୟରେ ଉଭୟ ମାଆ ଓ ନବ ଜାତ ଶିଶୁର ମୃତ୍ୟୁ ଘଟିଥିଲା । ପରେ ପ୍ରସୂତିଙ୍କ ସ୍ୱାମୀ ବାବୁ ନାୟକ ଦିଗପହଣ୍ଡି ଥାନା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ଯେ ନର୍ସିଂ ହୋମର ଚିକିତ୍ସାରେ ଅବହେଳା, ଅଣସ୍ୱୀକୃତିପ୍ରାପ୍ତ କର୍ମଚାରୀଙ୍କ ହାତରେ ପ୍ରସବ କରିବାରୁ ଏଭଳି ଘଟିଥିଲା । ପୁଲିସ ଘଟଣାର ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଥିବା ସରକାରୀ ଏଏନ୍ଏମ୍ ମଧୁସ୍ମିତା ପଟ୍ଟନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ । ଅନ୍ୟ ପଟେ ନର୍ସିଂ ହୋମ ମାଲିକ କିଛି ଦିନ ପାଇଁ ଫେରାର ଥିଲେ ଏବଂ ନର୍ସିଂ ହୋମ ମଧ୍ୟ ବନ୍ଦ ଥିଲା । ପରେ ଆଗୁଆ ଜାମିନ ଆଣି ପୁଣି ଥରେ ନର୍ସିଂ ହୋମ ଆରମ୍ଭ କରିଥିଲେ । ଫଳରେ ୨୦୨୫ ମସିହା ଅଗଷ୍ଟ ୮ ତାରିଖ ଅପରାହ୍ନରେ ତହସିଲଦାର ଓ ଦିଗପହଣ୍ଡି ପୁଲିସଙ୍କ ଉପସ୍ଥିତିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏକ ଟିମ୍ କାଗଜ ପତ୍ର ଯାଞ୍ଚ କରି ନର୍ସିଂ ହୋମ ସିଲ୍ କରିଥିଲେ । ଉକ୍ତ ନର୍ସିଂ ହୋମ୍ କିଛି ଦିନ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ କିଛି ମାସ ବ୍ୟବଧାନରେ ପୁଣି ଥରେ ଖୋଲା ଯାଇଥିଲା । କିନ୍ତୁ ଉକ୍ତ ନର୍ସିଂ ହୋମରେ କୌଣସି ପ୍ରକାର ଅପରେସନ କକ୍ଷ ଖୋଲାଯିବନି ଏବଂ କୌଣସି ପ୍ରକାର ଅପରେସନ କରାଯିବ ନାହିଁ । କିନ୍ତୁ ସେଠାରେ ଅପରେସନ ହେଉଥିବା ଏବଂ କିଭଳି ଭାବେ ପୁଣି ଥରେ ନର୍ସିଂ ହୋମ୍ ଖୋଲାଗଲା ଏନେଇ ବାବୁ ନାୟକ ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କୁ ଅଭିଯୋଗ କରିଥିଲେ । ଶୁକ୍ରବାର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଟିମ୍, ଚିକିଟି ଏସଡିପିଓ, ସାନଖେମୁଣ୍ଡି ତହସିଲଦାର ଓ ଦିଗପହଣ୍ଡି ପୁଲିସ ସାହାରା ନର୍ସିଂ ହୋମରେ ପହଞ୍ଚି ଯାଞ୍ଚ କରିବା ସହ ପୁଣି ଥରେ ନର୍ସିଂ ହୋମ୍‌କୁ ସିଲ୍ କରିଥିବା ଜଣାପଡିଛି । ଏହି ଘଟଣାରେ ନର୍ସିଂ ହୋମ୍ ମାଲିକ ଅଟକ ଥିବା ଶୁଣିବାକୁ ମିଳିଛି । ଏନେଇ ଚିକିଟି ଏସଡିପିଓଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା ।

### ଆଦାନୀ ଫାଉଣ୍ଡେସନର 'ଉଡ଼ାନ' କାର୍ଯ୍ୟକ୍ରମ

## ୬ ମାସରେ ସାମିଲ ହେଲେ ୨୭୦୦ ଛାତ୍ରଛାତ୍ରୀ

ଛତ୍ରପୁର,୨୭ ।୩(ସମିସ): ଶ୍ରେଣୀକକ୍ଷ ଶିକ୍ଷା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଗୋପାଳପୁର ବନ୍ଦରରେ ଆଦାନୀ ଫାଉଣ୍ଡେସନର ସ୍ୱତନ୍ତ୍ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ 'ଉଡାନ' ଗତ ନଭେମ୍ବର ୨୦୨୫ରେ ଶୁଭାରମ୍ଭ କରାଯାଇଥିଲା । ଯାହା ସ୍ଥାନୀୟ ଶିକ୍ଷାନୁଷ୍ଠାନ ଗୁଡିକରେ ବେଶ୍ ଆଦୃତ ହୋଇପାରିଛି । ଆଦାନୀ ଗ୍ରୁପର ବୃହତ ବ୍ୟବସାୟ କ୍ଷେତ୍ରଗୁଡିକ ସହ ପ୍ରତ୍ୟକ୍ଷ ଭାବରେ ପରିଚିତ କରାଇବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୃହତ ଚିନ୍ତାଧାରା ସୃଷ୍ଟି କରିବା ପାଇଁ 'ଉଡାନ' କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଗଞ୍ଜାମ ଜିଲାର ବିଭିନ ସ୍କୁଲ କଲେଜର ପ୍ରାୟ ୨୭୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଗୋପାଳପୁର ବନ୍ଦର ପରିଦର୍ଶନ କରିଛନ୍ତି । ଏଥିରେ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଆଇଟିଆଇ, ଡିପ୍ଲୋମା କଲେଜ ଏବଂ ଏନଜିଓ ଭଳି ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ ଉପକୃତ ହୋଇପାରିଛନ୍ତି । ଏହି ପରିଦର୍ଶନ ସମୟରେ ବନ୍ଦର ଭିତ୍ତିଭୂମି, ବନ୍ଦରରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତିର ପରିଚାଳନା, କଳକାରଖାନାରେ ବ୍ୟବହୃତ ବିଭିନ୍ନ କଞ୍ଚାମାଲର ଆମଦାନୀ ଏବଂ ରପ୍ତାନି ପ୍ରଣାଳୀ, ଜାହାଜ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ, ସୁରକ୍ଷା ବ୍ୟବସ୍ଥା, ପରିବେଶ ପରିଚାଳନା ଏବଂ ସାମୁଦ୍ରିକ ବାଣିଜ୍ୟରେ ବ୍ୟବହୃତ ଆଧୁନିକ ପ୍ରଯୁକ୍ତିବିଦ୍ୟା ଭଳି ବହୁମୂଲ୍ୟ ତଥ୍ୟ ବନ୍ଦର ତରଫରୁ ବିଭିନ୍ନ ବିଭାଗର ଦକ୍ଷ ପଦାଧିକାରୀଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ସବିଶେଷ ବିବରଣୀ ପ୍ରଦାନ କରାଯାଉଅଛି । ଟାଙ୍ଗଣାପାଲି ନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ କହିଛନ୍ତି ଯେ "ଉଡାନ' ମାଧ୍ୟମରେ ଛାତ୍ରଛାତ୍ରୀମାନେ ବୃହତ ଶିଳ୍ପ ପରିଚାଳନାକୁ ନିକଟରୁ ଅନୁଭବ କରିବାର ସୁଯୋଗ ପାଇଛନ୍ତି । ସେହିପରି, ପୋଡାପଦର ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ସରିତା ଚୌଧୁରୀ କହିଛନ୍ତି ଯେ ଏହି ଶିଳ୍ପ ପରିଦର୍ଶନ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ବିଶେଷକରି ବନ୍ଦର କ୍ଷେତ୍ରରେ କ୍ୟାରିୟର ସୁଯୋଗ ଏବଂ ଏହାକୁ ହାସଲ କରିବା ପାଇଁ ଆବଶ୍ୟକୀୟ ବୈଷୟିକ ଶିକ୍ଷା ସମ୍ପର୍କରେ ଜାଣିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି । କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଉତ୍ସର୍ଗୀକୃତ ଅଧିକାରୀ ଏବଂ ପିଲାମାନଙ୍କ ଯାତାୟତର ସୁଗମ ବ୍ୟବସ୍ଥା କରାଯାଇଛି ।

## ଶ୍ରୀରାମ ନବମୀ ମହୋତ୍ସବ ସମିତିର ଶୋଭାଯାତ୍ରା



ଦିଗପହଣ୍ଡି,୨୬ ।୩(ସମିସ): ଦିଗପହଣ୍ଡିରେ ଗୁରୁବାର ସନ୍ଧ୍ୟାରେ ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଘୋଡ଼ାହାଡ଼ ପାଣି ପଞ୍ଚାୟତ ଶୀର୍ଷ କମିଟି କାର୍ଯ୍ୟାଳୟ ସମ୍ମୁଖରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରି ବଜାର ଗାନ୍ଧୀ ଛକ ସଭାସ୍ଥଳରେ ପହଞ୍ଚିଥିଲା । ସଭାରେ ଦିଗପହଣ୍ଡି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର, ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ରମାକାନ୍ତ ରଥ, ଅରୁଣ କୁମାର ପାଢ଼ୀ, ସ୍ୱାମୀ ଶର୍ମିଷ୍ଠା ନନ୍ଦ ସରସ୍ୱତୀ, ମହନ୍ତ ଚିନ୍ମୟାନନ୍ଦ ଦାସ, ଯୋଗୀ ଦେବଦତ୍ତ ମେକାପ, ମହନ୍ତ କୃଷ୍ଣଚନ୍ଦ୍ର ଶାସ୍ତ୍ରୀ ପ୍ରମୁଖ ଯୋଗଦେଇ ଶ୍ରୀରାମ ନବମୀ ମହୋତ୍ସବ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଦବୋଧନ ଦେଇଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତା ପ୍ରହଲ୍ଲାଦ ଡାକୁଆ, ଆୟୁଷ କୁମାର ରଥ, ଧର୍ମେନ୍ଦ୍ର ଦୋରା, ହରି ଦାସ, ଭଗବତୀ ପ୍ରସାଦ ମିଶ୍ର, ପ୍ରକାଶ କୁମାର ପ୍ରଧାନ, ନାରାୟଣ ସାବତ ପ୍ରମୁଖ ଉପସ୍ଥିତ ଥିଲେ ।

## ରାମ ନବମୀରେ ରାମମୟ ପରିବେଶ

ଶେରଗଡ,୨୭ ।୩(ସମିସ): ଶେରଗଡ ଅଞ୍ଚଳରେ ଥିବା ସମସ୍ତ ରାମ ମନ୍ଦିର, ରଘୁନାଥ ମନ୍ଦିର, ହନୁମାନ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି । ନାଭି ଛେଦନ, ମହାସ୍ନାନ, ହୋମ, ଅର୍ଣୋଳୀ ଭୋଗ ଦିଆଯାଇ ମହା ଆଳତୀ ପରେ ଭକ୍ତଙ୍କୁ ଦର୍ଶନ ଲାଗି ସୁଯୋଗ ଦିଆଯାଇଥିଲା । ଏହି ଅବସରରେ ରାମ ଚରିତ ମାନସ ପାରାୟଣ, ଭଜନ କୀର୍ତ୍ତନ, ପ୍ରବଚନ ଅନୁଷ୍ଠିତ ହୋଇଥିଲା । ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ କୃପା ଲାଭ କରିବା ଲାଗି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଭଗବାନ ରାମଙ୍କ ଦିବ୍ୟ ସ୍ୱରୂପକୁ ଦର୍ଶନ କରି ଶ୍ରଦ୍ଧାଳୁ ମାନେ ଚରଣାବିନ୍ଦରେ ନିଜକୁ ସମର୍ପିତ କରିଥିବା ଦେଖାଯାଇଥିଲା । **ଆସିକା:** ଆସିକା ସମେତ ପୁରପଲ୍ଲୀରେ ଶ୍ରୀରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବରୁଣ ପୂଜା, ସଂକଳ୍ପ, ଜନ୍ମ ଜୟନ୍ତୀ ନିମନ୍ତେ ଆବରଣ ପୂଜା, ପୀଠ ପୂଜା, ଷୋଡଶ ପୂଜା, ଷଷ୍ଠୀ ପୂଜା, କୌଶଲ୍ୟା, ଦଶରଥ ପୂଜନ, ହୋମ ଯଜ୍ଞ, ଆରତୀ ପୁଷ୍ପାଞ୍ଜଳି, ଅନୁଷ୍ଠିତ ହୋଇଥିଲା । ଆସିକା ସୁନାମ୍ବ ସାହିରେ ବିଜେ ଶ୍ରୀ ରଘୁନାଥ ମନ୍ଦିର, ଲଛମନ ପଲ୍ଲୀ ପାକଲା ପଲ୍ଲୀ, ଦେବଭୂମି, ନଳବଣ୍ଟା, ରଘୁନାଥ ନଗର, ସମେତ ଆଖ ପାଖ ରଘୁନାଥ ମନ୍ଦିର, ଗାନ୍ଧିନଗର, ଅଶୋକା ସିନେମା ହଲ ହନୁମାନ ମନ୍ଦିର, ଜେଲ ପରିସରରେ ଥିବା ହନୁମାନ ମନ୍ଦିର ମାନଙ୍କରେ ଶ୍ରୀରାମ ଜୟନ୍ତୀ ପାଳିତ ହୋଇ ଯାଇଛି । **ଧରାକୋଟ:** ଧରାକୋଟ ଅଞ୍ଚଳରେ ପବିତ୍ର ରାମନବମୀ ମହା ଆଡ଼ମ୍ବରରେ ପାଳନ ହୋଇଯାଇଛି । ଏହି ଉତ୍ସବରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ସୁନିଲ ମହାନ୍ତି, ମଣ୍ଡଳ ସଭାପତି - ପ୍ରଭାକର ପ୍ରଧାନ, ଜିତେନ୍ଦ୍ର ବିଶୋଇ, ଟୁକୁନା ନାୟକ, ଅନୁସୂଚିତ ଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ମାନସରଞ୍ଜନ ନାୟକ, ଯୁବମୋର୍ଚ୍ଚା ସଭାପତି ମିଥୁନ ପ୍ରଧାନ, ଯୁବମୋର୍ଚ୍ଚା ସମ୍ପାଦକ ଦେବାଶିଷ ମିଶ୍ର, ପୂର୍ବତନ ମଣ୍ଡଳ ସଭାପତି ଯୁପାପା ରାଓ, ମଣ୍ଟୁ ସାବତ, ଗଗନ ବିହାରି ସ୍ୱାଇଁ, ଶିବଶଙ୍କର ମହାନ୍ତି, ସୁଶାନ୍ତ ସ୍ୱାଇଁ, ଅଚ୍ୟୁତ ଗୌଡ଼, ଅଶୋକ ବରାଡ, ଶିବରାମ ପାଢ଼ୀ, କାଳୀପ୍ରସାଦ ବେହେରା, ଜଗନ୍ନାଥ ପରିଡ଼ା, ବାଲ୍ମିକୀ ଭଞ୍ଜଙ୍କ ସହିତ ପ୍ରାୟ ଏକ ହଜାରରୁ ଉର୍ଦ୍ଧ ଭକ୍ତ ସମବେତ ହୋଇଥିଲେ ।

## ବେଆଇନ ବାଲିଘାଟରେ ୧୬୩ ଧାରା ଲାଗୁ



କବିସୂର୍ଯ୍ୟନଗର,୨୭ ।୩(ସମିସ): କବିସୂର୍ଯ୍ୟନଗର ଥାନା ଭାରପ୍ରାପ୍ତ ଅଧିକାରୀ ଆଇପିଏସ ନୀତେଶ କୁମାର ମିଶ୍ରଙ୍କ କଡା ପଦକ୍ଷେପ । ବେଆଇନ ବାଲି ଘାଟ ଓ ଚାଲାଣକାରୀଙ୍କୁ ଗୋଡ଼ାଇ ଗୋଡାଇ ଧରୁଛି ପୁଲିସ । ଶୁକ୍ରବାର ପୁରୁଷୋତ୍ତମପୁର ତହସିଲ ଅଧିନ ମହାଛାଇ ଗ୍ରାମ ପାଖ ଋଷିକୂଲ୍ୟା ନଦୀରୁ ବେଆଇନ ଭାବେ ଚାଲିଥିବା ବାଲିଘାଟ ଉପରେ ଚଢ଼ଉ କରିଛି ପ୍ରଶାସନ । ଆଇପିଏସ ଅଧିକାରୀଙ୍କ ନେତୃତ୍ୱରେ ବହୁ ପୁଲିସ କର୍ମଚାରୀ ଓ ପୁରୁଷୋତ୍ତମପୁର ତହସିଲଦାର, ମାଇନିଙ୍ଗ ଅଧିକାରୀ ଅଚାନକ ଚଢ଼ଉ କରିଥିଲେ । ଚଢ଼ଉ ବେଳେ ନଦୀ ଭିତରେ ରହିଥିବା ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯିବା ସହ ବାଲିଘାଟରେ ବିଏନଏସ ୧୬୩ ଧାରା ଲାଗୁ କରାଯାଇଛି । ଏବଂ ଘାଟକୁ ସଂଯୋଗ କରୁଥିବା ରାସ୍ତାକୁ ଖୋଳି ଘାଟରେ ଲାଲ ପତାକା ଲଗାଇଛି ପ୍ରଶାସନ ।

## ମହାବିଦ୍ୟାଳୟରେ ପ୍ରତିମୂର୍ତ୍ତି ଉନ୍ମୋଚନ



ଧରାକୋଟ,୨୭ ।୩(ସମିସ): ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଞ୍ଚଳର ଜଣାଶୁଣା ସମାଜସେବୀ ସ୍ୱର୍ଗତ ସୋମନାଥ ସାହୁଙ୍କ ଏକ ପ୍ରତିମୂର୍ତ୍ତି ପବିତ୍ର ରାମ ନବମୀ ତିଥିରେ ପ୍ରତିଷ୍ଠାତା କିଶୋର ଚନ୍ଦ୍ର ସାହୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ତାଙ୍କର ସମସ୍ତ ପରିବାର ଲୋକଙ୍କ ସହ ଉଚ୍ଚ ମାଧମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ଅଧକ୍ଷ ଦିଗାମ୍ବର ବିଷୋୟୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଏହି ଅବସରରେ ପ୍ରତିଷ୍ଠାତା କିଶୋର ଚନ୍ଦ୍ର ସାହୁ ନିଜର ଦିବଂଗତ ଜ୍ୟେଷ୍ଠ ଭ୍ରାତା ସୋମନାଥ ସାହୁଙ୍କ ଜୀବନୀ ଓ ଅତୀତର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହିଥିଲେ । ଇଂରାଜୀ ଅଧାପକ ଜଗନ୍ନାଥ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ଘଟଣାରେ ଜଣେ ମୃତ

କୋଦଳା,୨୭ ।୩(ସମିସ): ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଅଗାଁର ଗାଁ ନିକଟସ୍ଥ ଡାଇକି ଛକରେ ଗୁରୁବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣା ଘଟିଥିଲା । ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ଗୁରୁତର ଯୁବକଙ୍କୁ ପ୍ରଥମେ ଖଲ୍ଲିକୋଟ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ମୃତକ ହେଲେ ଅଙ୍ଗାର ଗାଁର ମିଟୁ ଜେନା ଏବଂ ଗୁରୁତର ଜଣକ ହେଲେ କାହ୍ନା ମହାନ୍ତି । ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ମଥୁରା ଓ କାଶୀ ପାଇଁ ଲଢେଇ ଜାରି ରହିବ



ପୋଲସରା,୨୬ ।୩(ସମିସ): ପୋଲସରା ମ୍ୟୁନିସିପାଲିଟି ଲୁଣିଘାଟି ପଡିଆରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଗଞ୍ଜାମ ଜିଲ୍ଲା ଦ୍ୱାରା ପକ୍ଷରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳର ମୁଖ୍ୟ ତଥା ପୂର୍ବତନ ବିଶ୍ୱହିନ୍ଦୁ ପରିଷଦର ମୁଖ୍ୟ ହିନ୍ଦୁ ସମ୍ରାଟ ଡ଼ଃ ପ୍ରବୀଣ ଭାଇ ତୋଗାଡ଼ିଆ ଯୋଗଦେଇ ସମସ୍ତଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ସହ ରୋଜଗାର ଏବଂ କୃଷକଙ୍କ ପାଇଁ ଶକ୍ତିର ଆବଶ୍ୟକ ଅଛି । ପୁରା ଭାରତର ୧୧୪ କୋଟି ହିନ୍ଦୁ ଏବେ ସୁରକ୍ଷା ଲୋଡୁଛନ୍ତି । ତେଣୁ ସମସ୍ତ ହିନ୍ଦୁ ଯେଉଁ ଦିନ ଏକତ୍ରିତ ହୋଇ ଗର୍ବରେ କହିବେ "ଆମେ ହିନ୍ଦୁ ଆମେ ହିନ୍ଦୁ' ଏହି ନାରା ହିଁ ଆମକୁ ଶକ୍ତି ଯୋଗାଇବ ବୋଲି ଡ଼ଃ ତୋଗାଡ଼ିଆ ଆହ୍ୱାନ ଦେଇଥିଲେ । ଏଥିସହ ରାମ ମନ୍ଦିର ସରିଛି ଏବେ ମଥୁରା ଓ କାଶିନାଥ ପାଇଁ ଲଢ଼େଇ ଜାରି ରହିବ ବୋଲି କହିଥିଲେ । ରାଷ୍ଟ୍ରୀୟ ବଜରଙ୍ଗ ଦଳର ଓଡିଶା ମୁଖ୍ୟ ବିଶ୍ୱନାଥ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ଆସାମ ଓ ଓଡିଶା ପ୍ରଭାରୀ ମନୋଜ କୁମାର ସାହୁ, ଓଡିଶା - ପୂର୍ବ ସଭାପତି ଦୀପକ କୁମାର ମହନ୍ତ, ଗଞ୍ଜାମ ଜିଲ୍ଲା ସଭାପତି ପୀତବାସ ସାହୁ, ରାଷ୍ଟ୍ରୀୟ ବଜରଙ୍ଗ ଦଳର ଗଞ୍ଜାମ ଜିଲ୍ଲା ସଭାପତି ସନ୍ତୋଷ କୁମାର ଖଟେଇ, ସିଲୁ ହୋତା, ଅନ୍ତର୍ଜାତୀୟ ପର୍ବତାରୋହୀ ବିଭାରଣୀ ପାତ୍ରଙ୍କ ସମେତ ଅନେକ ସନା ସନ୍ୟାସୀ ଏବଂ କର୍ମକର୍ତ୍ତା ଯୋଗଦେଇଥିଲେ ।

### ଜୟନ୍ତୀପୁର ଅଞ୍ଚଳରେ ବେଆଇନ ମାଟି ଉଠାଣ

## ଅଭିଯୋଗ ପରେ ପ୍ରଶାସନର ନିରବତା ସନ୍ଦେହଜନକ



ପାତ୍ରପୁର,୨୭ ।୩(ସମିସ): ଦିନକୁ ଦିନ ପାତ୍ରପୁର ତହସିଲ ଅଞ୍ଚଳରେ ଖଣିଜ ସମ୍ପଦ ଲୁଟ ହେବାରେ ଲାଗିଛି । ମୁଖ୍ୟତଃ ରାତ୍ର ସମୟରେ ପଥର ଓ ବାଲି ଅନ୍ୟ ରାଜ୍ୟକୁ ଚାଲାଣ ହେବାର ଅନେକ ନିଜର ରହିଥିବା ବେଳେ କିଛି ପ୍ରଶାସନିକ ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ମାଫିଆ ମାନେ ବେଶ ଭଲ ରୋଜଗାର କରୁଛନ୍ତି । ବର୍ତ୍ତମାନ ଦିନ ଦିପ୍ରହରେ ଜୟନ୍ତୀପୁର ରାଜସ୍ୱ କାର୍ଯ୍ୟାଳୟ ଅଞ୍ଚଳରେ ଗତ ଦୁଇ ଦିନ ହେଲା ବେଆଇନ ଭାବେ ମାଟି କଢାଯାଉଛି । ଏନେଇ ଗ୍ରାମବାସୀ ସ୍ଥାନୀୟ ରାଜସ୍ୱ ଅଧିକାରୀ ଓ ପାତ୍ରପୁର ତହସିଲଦାରଙ୍କୁ ଫୋନ ଯୋଗେ ଜଣାଇଥିଲେ ହେଲେ କୌଣସି ସୁଫଳ ମିଳିନଥିଲା । ଅଭିଯୋଗ ପରେ ମଧ ଅଧିକାରୀ ମାନେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ବେଳେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷେ ଅଳ୍ପ କିଛି ମାଟି ଖୋଳିବା ପାଇଁ ଅନୁମତି ଆଣି ଟ୍ରାକ୍ଟର ଟ୍ରାକ୍ଟର ମାଟି ଉଠାଉଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଖବର ନଥିବା ସଭିଙ୍କୁ ତାଜୁବ କରୁଛି । ଘଟଣା ସମ୍ପର୍କରେ ଅଧିକ ସୂଚନା ପାଇଁ ଜୟନ୍ତୀପୁର ରାଜସ୍ୱ ନିରକ୍ଷକ ବିଜୟନୀ ମୁନିଙ୍କ ସହ ଯୋଗାଯୋଗ କରିବାରୁ ଜରିମାନା ଆଦାୟ କରାଯାଉଛି କହି କଥାକୁ ଏଡାଇଯାଇଥିଲେ । କେତୋଟି ଗାଡି ଜବତ ହୋଇଛି ଓ କେତେ ଟଙ୍କା ଫାଇନ୍ ଆଦାୟ ହୋଇଛି ପଚାରିବାରୁ ସନ୍ତୋଷଜନକ ଉତ୍ତର ଦେଇନଥିଲେ । ସେହିଭଳି ପାତ୍ରପୁର ତହସିଲଦାର ଅଶୋକ କୁମାର ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା ମଧ୍ୟ ସମ୍ଭବ ହୋଇନାହିଁ ।

## ଆଭାସ ବିଦ୍ୟାଳୟ ପକ୍ଷରୁ ପ୍ରବେଶ ଉତ୍ସବ



ରମ୍ଭା,୨୭ ।୩(ସମିସ): ଆଭାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଲ୍ଲିକୋଟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଖଲ୍ଲିକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବକୁ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଉଦଘାଟନ କରିଥିଲେ । ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିତାରାଣୀ ପଟ୍ଟନାୟକ, ବିଆରସିସି ସୁଷମା ଶବର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ହୋଇ ସରକାରଙ୍କ ସମଗ୍ର ଶିକ୍ଷା ଅଭିଯାନର ସଫଳତା, ନୂତନ ରୂପେ ଆରମ୍ଭ ହୋଇଥିବା ଶିଶୁ ବାଟିକା ଶ୍ରେଣୀର ଆବଶ୍ୟକତା, ନୂତନ ପାଠ୍ୟକ୍ରମ, ଶିକ୍ଷଣ ସାମଗ୍ରୀ କିଭଳି ଶିକ୍ଷଣ ଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ ସେ ସମ୍ପର୍କରେ କହିଥିଲେ । ସହକାରୀ ଶିକ୍ଷକ ଜୟକୃଷ୍ଣ ବାଲା ଉତ୍ସବର ଲକ୍ଷ୍ୟ ଆଭିମୁଖ୍ୟ ବିଷୟରେ ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସମସ୍ତେ ନିକଟସ୍ଥ ହରିଜନ ସାହି, ଗ୍ରାମ୍ୟଦେବୀ ପ୍ରାଥମିକ ବିଦ୍ୟାଳୟ ପରିଭ୍ରମଣ କରିଥିଲେ । ସିଆରସିସି ରାଜେନ୍ଦ୍ର କୁମାର ପଣ୍ଡା, ପବନା ସ୍ୱାଇଁ, ପ୍ରଶାନ୍ତ କୁମାର ସେଠୀ, ପ୍ରଜ୍ଞା କୁମାର ପଟ୍ଟନାୟକ, ରବୀନ୍ଦ୍ର କୁମାର ନାହାକ, ଡକ୍ଟର ଦ୍ୱାରିକାନାଥ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ବଜରଙ୍ଗ ଦଳର ସହର ପରିକ୍ରମା

ଜି.ଉଦୟଗିରି,୨୭।୩(ସମିସ): ବଜରଙ୍ଗ ଦଳ ଜି.ଉଦୟଗିରି ପ୍ରଖଣ୍ଡ ପକ୍ଷରୁ ଆଜି ଶ୍ରୀରାମ ନବମୀ ପାଳନ ଅବସରରେ ସ୍ଥାନୀୟ ଶ୍ରୀ ଧବଳେଶ୍ୱର ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରାରେ ଶତାଧିକ ବଜରଙ୍ଗ କର୍ମୀ ବାହାରି ଜୟ ଶ୍ରୀରାମଙ୍କ ନାରାରେ ସହର ପରିକ୍ରମା କରିଥିଲେ। ଏହି ଅବସରରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ପ୍ରଚାର ସହ ପ୍ରଭୁଙ୍କ ଜୟ ଧ୍ୱନୀରେ ସହର ପ୍ରକମ୍ପିତ ହୋଇଥିଲା। ଏହି ପରିକ୍ରମା ଶ୍ରୀ ଧବଳେଶ୍ୱର ମନ୍ଦିରରୁ ବାହାରି ସହରର ବନ୍ଧଛକ,ଗୋଲାସାହି,ଲକ୍ଷ୍ମୀ ବଜାର, ଗାନ୍ଧୀଛକ, ବଡସାହି ବରାଳିନୀ ବଜାର ଦେଇ ଶେଷରେ ଶଙ୍ଖସାହିରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ ବଜରଙ୍ଗ ଦଳ ଅଖଣ୍ଡ ପ୍ରଭାରୀ ନୀଳମାଧବ ପ୍ରଧାନ, ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଓ କନ୍ଧମାଳ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ସଭାପତିଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ।

## ଜନଗଣନା ପ୍ରଶିକ୍ଷଣ ଶିବିର



ନୂଆଗଡ,୨୭।୩(ସମିସ): ନୂଆଗଡ଼ ତହସିଲ ପକ୍ଷରୁ ତିନି ଦିନିଆ ଜନଗଣନା ପ୍ରଶିକ୍ଷଣ ଶିବିର ପଞ୍ଚାୟତ ସମିତି ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି। ଜନଗଣନା ଅଧିକାରୀ ତଥା ନୂଆଗଡ଼ ତହସିଲଦାର ମୋନାଲିସା ଆଚାର୍ଯ୍ୟ ଏବଂ ଅତିରିକ୍ତ ଜନଗଣନା ଅଧିକାରୀ ତଥା ଅତିରିକ୍ତ ତହସିଲଦାର ମନମୋହନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଛି। ଶିବିରରେ ୩୫ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୦ ଜଣ ଗଣନାକାରୀ ଏବଂ ୫ ଜଣ ପର୍ଯ୍ୟବେକ୍ଷକ ରହିଥିଲେ। ଜନଗଣନା ସମୟରେ ତଥ୍ୟ ସଂଗ୍ରହର ସୂକ୍ଷ୍ମ ଅନୁଧ୍ୟାନ ଏବଂ ସଠିକତା ଉପରେ ଏହି ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା। କ୍ଷେତ୍ର ପ୍ରଶିକ୍ଷକ ଭାବେ ଚନ୍ଦ୍ରସେନ ପାଣି ଏବଂ ଆର୍ତ୍ତତ୍ରାଣ ବେହେରା ପ୍ରଶିକ୍ଷାର୍ଥୀଙ୍କୁ ଜନଗଣନାର ବିଭିନ୍ନ ବୈଷୟିକ କୌଶଳ ଓ ନିୟମାବଳୀ ସମ୍ପର୍କରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତିନୋଟି ପର୍ଯ୍ୟାୟରେ ଜନଗଣନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବା ନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ




ବ୍ରାହ୍ମଣୀଗାଁ,୨୭।୩(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ଥିବା ସେଣ୍ଟ ଯୋହନ୍ ସ୍କୁଲର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ରେଭ୍ ପବିତ୍ର ବଡ଼ସେଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଥାନା ଅଧିକାରୀ ବିଜୟ କୁମାର ହାଇବ୍ରୁରୁ ମୁଖ୍ୟ ଅତିଥି, ପ୍ରଦୋଷ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ରେଭ୍ ମୁକୁନ୍ଦ ଦେବ ବଳିୟାରସିଂ ସମ୍ମାନିତ ଅତିଥି, ଅନ୍ୟାନ୍ୟ ଅତିଥି ଭାବେ ସରପଞ୍ଚ ସଂଯୁକ୍ତା ମଲ୍ଲିକ, ସେନା ଅଧିକାରୀ ଶ୍ରୀରାମ ଶବର, ଋଷିମାଳ ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ଭାସ୍କର ଚରଣ ନାୟକ, ଋଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦେବରାଜ ବଳିଆରସିଂ, ଥାନା ଏସଆଇ ଭୋଳାନାଥ ପଣ୍ଡା, ଏ ଏସ ଆଇ ଶଙ୍କର ୱାଡାକା ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପ୍ରଥମେ ଶେଫାଳୀ ନାୟକଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ପୁରସ୍କାର ବିତରଣୀ, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବକ୍ତାଙ୍କ ଅଭିଭାଷଣ ଉପସ୍ଥାପିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ଗୋଟିଏ ବିଜୟ କୁମାର ହାଇବୁରୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷା ରେଭ୍ ଭଞ୍ଜ କିଶୋର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆଖଣ୍ଡଳ ମଣି ଗୌଡ଼ ରାଜ୍ୟ ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ



ନୂଆଗଡ଼,୨୬।୩(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକର ଯୁବ ନେତା ଆଖଣ୍ଡଳ ମଣି ଗୌଡ ବିଜେପି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶାରେ ସଂଗଠନକୁ ଆହୁରି ସଦୃଢ଼, ଶକ୍ତିଶାଳୀ, ସକ୍ରିୟ ଓ ବିସ୍ତୃତ କରିବାର ଲକ୍ଷ୍ୟରେ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି। ପୂର୍ବରୁ ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜଡ଼ିତ ଥିଲେ। ରାଜ୍ୟ ଯୁବମୋର୍ଚ୍ଚା ସୋଭାପତିଙ୍କ ଘୋଷଣା କ୍ରମେ ବିଜେପି ଯୁବ ମୋର୍ଚ୍ଚା ଓଡ଼ିଶା ପ୍ରଦେଶର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱ ପ୍ରଦାନ ହେଇଥିବାରୁ ଜିଲ୍ଲା ଏବଂ ବ୍ଲକର ବିଜେପି କାର୍ଯ୍ୟକର୍ତ୍ତା, ଯୁବମୋର୍ଚ୍ଚା କମିଟି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୁରପଲ୍ଲୀରୁ ସହରାଞ୍ଚଳ ରାମମୟ ପରିବେଶ



ପାରଳାଖେମୁଣ୍ଡି,୨୭।୩ (ସମିସ)

ଗଜପତି ଜିଲ୍ଲାରେ ଶ୍ରୀରାମ ନବମୀ ଅତ୍ୟନ୍ତ ଭକ୍ତିପୂତ ଭାବେ ପାଳନ କରାଯାଇଛି। ଜିଲ୍ଲାର ପୁରପଲ୍ଲୀରୁ ଆରମ୍ଭ କରି ସହରାଞ୍ଚଳରେ ଶ୍ରୀରାମମୟ ପରିବେଶ ସୃଷ୍ଟି ହୋଇଥିଲା। ଏଥି ଲାଗି ସମଗ୍ର ଜିଲ୍ଲା ଚଳଚଞ୍ଚଳ ହୋଇଥିଲା। ଶ୍ରୀରାମ ଧ୍ୱନୀରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପାରଳାଖେମୁଣ୍ଡି ସହରର କଣ୍ଡରା ସାହି, ପୌରପରିଷଦ କାର୍ଯ୍ୟାଳୟ ନିକଟସ୍ଥ, ବଜାର ରାସ୍ତାରେ ଥିବା ପ୍ରଭୁ ଶ୍ରୀରାମଙ୍କ ମନ୍ଦିରରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ସେହିପରି ବଜାର ଛକ, ସିଙ୍ଗିସାହି ଛକ, ଏର୍ଦଲାସାହି ଆଦିରେ ରାମନବମୀ ବହୁ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ସହରରେ ଶ୍ରଦ୍ଧାଳୁ ତଥା ଭକ୍ତ ମନ୍ଦିରରେ ଭିଡ ଜମିଇଥିଲେ। ଭକ୍ତିର ସହ ମନ୍ଦିର ପରିସର ବାହାରେ ଦୀପ ଓ ଭୋଗରାଗ ଲଗାଇଥିବା ବେଳେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ ତଥା ପୌରାଣିକ ନାଟକ ଆଦି ପରିବେଷଣ ହୋଇଥିଲା। ଏହି ଅବସରରେ ପାରଳାଖେମୁଣ୍ଡି ସହରରେ ପ୍ରଥମ ଥର ପାଇଁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରାମଲୀଳା, ପୌରାଣିକ ନାଟକ ଆଦି ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ହଜାର ହଜାର ଭକ୍ତଙ୍କ ସହ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗଦଳର କର୍ମକର୍ତ୍ତାମାନେ ରାମଧ୍ୱନୀ ସହ ବାଜାବାଜଣା ବଜାଇ ନଗର ପରିକ୍ରମା କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନର ଲୋକଙ୍କ ସମାଗମ ହୋଇଥିଲା। ସେହିପରି ସହରର ଉପକଣ୍ଠସ୍ଥ ଥିବା ବିଭିନ୍ନ ଗ୍ରାମାଞ୍ଚଳରେ ରହିଥିବା ରାମମନ୍ଦିର ଗୁଡିକରେ ପବିତ୍ର ଶ୍ରୀରାମ ନବମୀ ଆଡମ୍ବରରେ ପୂଜାର୍ଚ୍ଚନା କରାଯାଇଥିଲା।

## ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ପାଳିତ




ରାୟଗଡ଼,୨୭।୩(ସମିସ): ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀ ରାମନବମୀ ବହୁ ଆଡ଼ମ୍ବର ସହକାରେ ପାଳିତ ହୋଇଛି। ରଘୁନାଥପୁର ଗ୍ରାମ ନିକଟସ୍ଥ ମହେନ୍ଦ୍ରତନୟା ନଦୀ ତଟସ୍ଥ ସୀତାରାଇ ଗଣ୍ଡରେ ପାରଳା ଜାରା ଶବର କୁଳ ସଂସ୍କାର ସମିତି ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ ସଭାପତି ନନ୍ଦ ରାଗସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପବିତ୍ର ମହେନ୍ଦ୍ର ତନୟା ନଦୀରେ ଗଙ୍ଗା ଆବାହନ କରି ଶତାଧିକ ମହିଳାଙ୍କ ଦ୍ୱାରା କଳସ ଯାତ୍ରା ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଉତ୍ସବ ସ୍ଥାନରେ ପହଞ୍ଚିଥିଲା। ଏହା ସହ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ ଓ ଅନ୍ନ ଯଜ୍ଞ ସହ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲାର ପ୍ରବଚକ ରାମ ଦାସ ମହାରାଜଜୀ ଯୋଗଦେଇ ଶ୍ରୀରାମ ନବମୀର ମହତ୍ତ୍ୱ ଉପରେ ପ୍ରବଚନ ଦେଇଥିଲେ। ସମିତିର ସଚିବ ରାଧାକୃଷ୍ଣ ଜାନି, ସରପଞ୍ଚ ଉମା ଶଙ୍କର ଭୁମଲ, ଉପଦେଷ୍ଟା ସୀମାଦ୍ରୀ ଦଳାଇ, ଶିବ ଶଙ୍କର ଭୂୟାଁ, ତ୍ରିନାଥ କାର୍ଯ୍ୟୀ, ଉପ ସଭାପତି ପଞ୍ଚୁମନ କୁମ୍ଭ, ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ, ସହ ସମ୍ପାଦକ ଜଗବନ୍ଧୁ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ଅଞ୍ଚଳର ବୁଦ୍ଧିଜୀବିଙ୍କ ସହ ପ୍ରାୟ ୭୦ ଖଣ୍ଡ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମାନେ ଯୋଗ ଦେଇଥିଲେ। ସେହିପରି ଶବର ସମାଜ କଲ୍ୟାଣ ସମିତି ପକ୍ଷରୁ ପରିସଲ ମଣ୍ଡଳୀର ଅବାସିଂ ଗ୍ରାମରେ ମଧ୍ୟ ଶ୍ରୀରାମ ନବମୀ ବହୁ ଆଡମ୍ବର ସହକାରେ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପ୍ରବଚକ ଅଯୋଧାର ମହନ୍ତ ଶ୍ରୀ ରାମଚରଣ ଦାସଜୀ ମହାରାଜ ଯୋଗ ଦେଇ ଶବର ମାନଙ୍କ ଭୂମିକା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ସଭାପତି ତ୍ରିନାଥ ଭୂୟାଁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜୀବନ କୁମାର ରାଇକା, ତ୍ରିନାଥ ଶବରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସେହିପରି କୁମୁଲାସିଂ ଗ୍ରାମରେ ପ୍ରଥମଥର ଶ୍ରୀ ରାମ ନବମୀ ପାଳନ କରାଯାଇଥିଲା। କମିଟି ସଭାପତି କିଶୋର ଚନ୍ଦ୍ର ପାଇକଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନୂଆଗଡ଼ ବ୍ଲକ ବିଶ୍ୱହିନ୍ଦୁ ପରିଷଦ ସଭାପତି କିଶୋର ଚନ୍ଦ୍ର ଗୌଡ଼, ମୁଖ୍ୟବକ୍ତା ଭାବେ ପ୍ରବଚକ ନୀଳା କୃଷ୍ଣ ଦାସ ମହାରାଜ ମଞ୍ଚାସୀନ ଥିଲେ। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ଦଳାଇ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଗଣ୍ଡାହାତୀ ଓ କେକେସିଂ ଗ୍ରାମରେ ଶ୍ରୀ ରାମ ନବମୀ ପାଳନ କରାଯାଇଥିଲା।

## ବିଭିନ୍ନ ରାମ ମନ୍ଦିର ଦର୍ଶନ କଲେ ବିଧାୟକ



ପାରଳାଖେମୁଣ୍ଡି,୨୭।୩(ସମିସ): ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରେ ରାମନବମୀ ପାଳିତ ହୋଇଛି। ଏହି ଅବସରରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ପ୍ରଥମେ ଗୋଷାଣି ବ୍ଲକ ଅନ୍ତର୍ଗତ ବଡହଂସା ଗ୍ରାମରେ ଥିବା ରାମ ମନ୍ଦିର ବାର୍ଷିକ ଉତ୍ସବରେ ଯୋଗ ଦେଇ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରିଥିଲେ। ଶେଷରେ ଗ୍ରାମଲୋକଙ୍କ ସହ ସାମିଲ ହୋଇପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ପୂର୍ବତନ ସରପଞ୍ଚ ଏମ. କ୍ରିଷ୍ଣା ରାଓ, ବୃନ୍ଦାବନ ପାରିଗାଙ୍କ ସମେତ ଶତାଧିକ ଭକ୍ତ ଉପସ୍ଥିତ ଥିଲେ। ସେଇଭଳି ପାରଳାଖେମୁଣ୍ଡିର ବିଭିନ୍ନ ରାମମନ୍ଦିର ଯାଇ ପ୍ରଭୁ ରାମଚନ୍ଦ୍ରଙ୍କ ଦର୍ଶନ କରି ଆଶୀଷଭିକ୍ଷା କରି ଜନସମାଜର ମଙ୍ଗଳ କାମନା କରିଥିବା ବିଧାୟକ କହିଛନ୍ତି

## ସମାଜସେବୀଙ୍କ ପରଲୋକ



ଗୋଷାଣି,୨୭।୩ (ସମିସ): ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମ ବରିଷ୍ଠ ନାଗରିକ ମଞ୍ଚର ସହସମ୍ପାଦକ ତଥା ସମାଜସେବୀ ପିନାକୀ ଜେନା(୭୫)ଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର ଓ ସ୍ତ୍ରୀ ରହିଥିଲେ। ସ୍ୱର୍ଗତ ଜେନା ଗୁରାଣ୍ଡି ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ସମୟରେ ବିଭିନ୍ନ ପଦକ୍ଷେପ ନେବା ସହ ପାରଳାଖେମୁଣ୍ଡି ସ୍ଥିତ ହନୁମାନ ମନ୍ଦିରର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। କର୍ମମୟ ଜୀବନରେ ସେ କ୍ଷୁଦ୍ରଜଳ ସେଚନ ବିଭାଗରେ କାର୍ଯ୍ୟ ତୁଲାଇଥିଲେ। ଅବସର ପରେ ସମାଜର କଲ୍ୟାଣ ପାଇଁ ବହୁ କାମ କରିଥିବାରୁ ଏହି ଅଞ୍ଚଳର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ରାଇକିଆ,୨୬।୩(ସମିସ): ରାଇକିଆ ସ୍ଥିତ ସୁଧାକିରଣ ମହାବିଦ୍ୟାଳୟର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନା ପ୍ରଧାନ ଏବଂ ସମ୍ମାନିତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ ଉତ୍ସବ ପ୍ରାରମ୍ଭ କରିଥିଲେ। ସମ୍ମାନୀୟ ଅତିଥି ଭାବେ ବିଡିଓ ସବ୍ୟସାଚୀ ସାହୁ, ବିଇଓ କେଶବ ମଲ୍ଲିକ, ଅତିରିକ୍ତ ତହସିଲଦାର ଏନ ପଲ୍ଲବୀ ଓ ପୂର୍ବତନ ଅଧ୍ୟକ୍ଷ ଶଙ୍କର୍ଷଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ଡ.ସନ୍ତୋଷ କୁମାର ନାୟକଙ୍କ ମା ସୁଧାକିରଣ ନାୟକ ମଧ୍ୟ ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଶ୍ୟାମସୁନ୍ଦର ଡାକୁଆ ସଭାପତିତ୍ୱ କରିବା ସହ ବାର୍ଷିକ ବିବରଣୀ ଉପସ୍ଥାପନ ସହ ଜାତୀୟସ୍ତରର କୃତିତ୍ୱ ଛାତ୍ରଛାତ୍ରୀଙ୍କ ବିଷୟରେ କହିଥିଲେ। ଅଧ୍ୟାପକ ଧର୍ମେନ୍ଦ୍ର ଦିଗାଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗିତ ଗାନ କରିଥିଲେ। ସନ୍ଧ୍ୟାରେ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ କଳାକାରଙ୍କ ଦ୍ୱାରା ମେଲୋଡି କାର୍ଯକ୍ରମ ଅନୁଷ୍ଠିତ ହୋଇଥଲା।

### ପରିବହନ ବିଭାଗ ଓ ପୁଲିସର ଖାମଖିଆଲି ଯାଞ୍ଚ

# ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି ଲୋକେ



ପାରଳାଖେମୁଣ୍ଡି,୨୭।୩(ସମିସ): ଗଜପତି ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଓ ପୁଲିସର ଉଦାସିନତା ଯୋଗୁଁ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି ଲୋକେ। ଏପରି ବିପଦପୂର୍ଣ୍ଣ ଯାତ୍ରା ଯୋଗୁଁ ବିଭିନ୍ନ ସମୟରେ ବିଭିନ୍ନ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଥିବା ନଜିର ରହିଥିବା ବେଳେ ଜିଲ୍ଲା ପରିବହନ ବିଭାଗ ଓ ପୁଲିସ ପିୟୁସିସି, ଇନ୍ସୁରାନ୍ସ, ସିଟ୍‌ବେଲ୍ଟ, ହେଲମେଟ୍ ଯାଞ୍ଚରେ ସୀମିତ ରହିଯାଇଥିବା ବେଳେ ଭଙ୍ଗାଦଦରା ଯାତ୍ରୀବାହୀ ଗାଡିରେ ଲୋକେ ଓହଳିକି ଯାଉଥିବା ଦୃଶ୍ୟ ପୁଲିସ କିମ୍ବା ପରିବହନ ବିଭାଗକୁ ଦେଖାଯାଉନି କିପରି ବୋଲି ପ୍ରଶ୍ନ ହେଉଛି। ଗଜପତି ଜିଲ୍ଲାର ଦୁଇ ବ୍ଲକକୁ ବାଦ ଦେଲେ ଅନ୍ୟସବୁ ପାହାଡିଆ ତଥା ଘାଟି ଅଞ୍ଚଳ। ଏପରି ଘାଟି ରାସ୍ତାରେ ଲୋକେ ଯାତ୍ରୀବାହୀ ଗାଡିରେ ଓହଳିକି ଯିବା ବିପଦକୁ ଆମନ୍ତ୍ରଣ କରିବା ସମାନ ବୋଲି ଆଲୋଚନା ହେଉଛି। ଅପରପକ୍ଷେ ପୁଲିସ କିମ୍ବା ପରିବହନ ବିଭାଗ ନାମକୁ ମାତ୍ର ଯାଞ୍ଚ କରୁଥିବା ବେଳେ ଓଭରଲୋଡିଂ ଗାଡି କିପରି ଛାଡିଦେଉଛି ତାହାକୁ ନେଇ ଆଲୋଚନା ହେଉଛି। ଏପରିକି ଏହି ଗାଡି ପାରଳାଖେମୁଣ୍ଡି ସହର ମଧ୍ୟରେ ଓଭରଲୋଡିଂ ହୋଇ ଯାଉଥିଲେ ମଧ୍ୟ ପରିବହନ ବିଭାଗ ଓ ପୁଲିସ କିପରି ଦେଖୁନାହିଁ ତାହାହିଁ ସଭିଏଁଙ୍କୁ ଚକିତ କରିଛି। ଆଜି ସକାଳେ ପାରଳାଖେମୁଣ୍ଡି ସହର ମଧ୍ୟରେ ଏକ ପୁରୁଣା କମାଣ୍ଡର ଯାତ୍ରୀବାହୀ ଗାଡିରେ ଲୋକେ ଓହଳିକି ଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଉକ୍ତ ଗାଡି ଗୁମ୍ମା ବ୍ଲକ ଅଞ୍ଚଳକୁ ଯାଉଥିବା ଜଣାପଡିଥିଲା। ଏହି ଗାଡି ସହରର ବିଭିନ୍ନ ଟ୍ରାଫିକ୍ ଛକ ଦେଇ ଯାଇଥିଲେ ମଧ୍ୟ କାହାରି ଆଖିରେ ପଡିନଥିଲା। ଏପରି ଦୃଶ୍ୟକୁ ଦେଖି ପୁଲିସ ଓ ପରିବହନ ବିଭାଗର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ହେବା ସହ ଦୁର୍ଘଟଣା ଘଟିଲେ କିଏ ଦାୟି ହେବ ତାହା ମଧ୍ୟ ପ୍ରଶ୍ନ ହୋଇଛି।

## ସରପଞ୍ଚ, ୱାର୍ଡମେମ୍ବରଙ୍କ ସହ ୬୦ କର୍ମୀ ବିଜେଡିରେ ସାମିଲ



ପାରଳାଖେମୁଣ୍ଡି,୨୬।୩(ସମିସ): ଗୋଷାଣି ବ୍ଲକ ଅନ୍ତର୍ଗତ ରମ୍ଭା ପଞ୍ଚାୟତର ବିଜେପି ସମର୍ଥିତ ସରପଞ୍ଚ ଝୁନୁ ଶବର, ୱାର୍ଡ ମେମ୍ବରଙ୍କ ସହ ୬୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ଭୁବନେଶ୍ୱର ୟୁନିଟ ୬ରେ ଥିବା ଶଙ୍ଖଭବନରେ ଆନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ପୁର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା ଭଳି ରାଜ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ସେମାନେ ବିଜେଡିରେ ସାମିଲ ହୋଇଛନ୍ତି। ଏଥିରେ ବିଜେପିକୁ ଝଟକା ଲାଗିଥିବା କୁହାଯାଉଛି। ଏହି ଅବସରରେ ଦଳରେ ଯୋଗଦେଇଥିବା ସମସ୍ତଙ୍କୁ ସ୍ୱାଗତ କରାଯାଇଥିବା ବେଳେ ବିଜେଡିରେ ମିଶ୍ରଣ ପରେ ସେମାନେ କହିଛନ୍ତି ଯେ ବର୍ତ୍ତମାନର ଡବଲଇଞ୍ଜିନ ସରକାରଙ୍କ ଯୋଜନା ତୃଣମୂଳ ସ୍ତରରେ କାର୍ଯ୍ୟାକାରୀ ହୋଇପାରୁନି। ସେମାନେ ଏହି ଦଳରେ ଥିଲେ ମଧ୍ୟ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନଥିବା ହୃଦବୋଧ କରି ବିଜେପକୁ ତ୍ୟାଗ କରିଥିବା କହିଛନ୍ତି। ଅପରପକ୍ଷେ ତତ୍କାଳୀନ ନବୀନ ସରକାରଙ୍କ ଅମଳରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା ଏବଂ ସମସ୍ତ ଯୋଜନା ତୃଣମୁଳସ୍ତରରେ ପହଞ୍ଚୁଥିଲା ବୋଲି ସୂଚନା ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ବ୍ଲକ ବିଜେଡି ସଭାପତି ଈଶ୍ୱର ରାଓ, ଜିଲ୍ଲାପରିଷଦ ସଦସ୍ୟ ଏସ୍.ବାଲାରାଜୁ, ବରିଷ୍ଠ ନେତା ଏସ୍. ଗଜପତି ରାଓ ଓ ସ୍ଥାନୀୟ ନେତା ନିରଞ୍ଜନ ଶବରଙ୍କ ସମେତ ଗୋଷାଣି ବ୍ଲକର ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।



# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ବ୍ରହ୍ମପୁର





ବ୍ରହ୍ମପୁର,୨୭ (ସମିସ)

ପବିତ୍ର ରାମ ନବମୀ ଅବସରରେ ବ୍ରହ୍ମପୁର ସହରରେ ଜୟ ଶ୍ରୀ ରାମ ଧ୍ୱନୀ ପ୍ରକମ୍ପିତ ହୋଇଛି। ଚାରିଆଡ଼େ ଆଧାତ୍ମିକ ପରିବେଶ ପରିଲକ୍ଷିତ ହୋଇଛି। ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ବିରାଟ ଶୋଭଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଶୋଭଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଏହି ସମୟରେ ଜୟ ଶ୍ରୀରାମ ଧ୍ୱନୀରେ ସମଗ୍ର ସହର ପ୍ରକମ୍ପିତ ହୋଇଥିଲା। ଏଥିରେ ରାଜନେତା, ସମାଜସେବୀଙ୍କ ସମେତ ବହୁ ଯୁବପିଢି ଯୋଗ ଦେଇଥିଲେ। ଜୟ ଶ୍ରୀ ରାମ ନାରା ସହ ରାମଚନ୍ଦ୍ରଙ୍କ ଜୟ ଜୟ କାର କରିଥିଲେ। ଅପରପକ୍ଷେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କୁ ସୁମରଣା କରିଛନ୍ତି ସହରବାସୀ। ପବିତ୍ର ରାମ ନବମୀ ଉପଲକ୍ଷେ ସହର ଓ ଉପକଣ୍ଠ ଚଳଚଞ୍ଚଳ ହୋଇଛି। ବିଭିନ୍ନ ମନ୍ଦିରରେ ରାମ ନବମୀ ପାଳିତ ହୋଇଥିବା ବେଳେ ସହରରେ ଆଧାତ୍ମିକ ପରିବେଶ ଦେଖାଦେଇଛି। ଏଥିସହିତ ବିଭିନ୍ନ ମନ୍ଦିରରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଛି। ଗୋଲାପଲ୍ଲୀ ସାହି ରଘୁନାଥ ମନ୍ଦିର, ରାମଲିଙ୍ଗମ୍ ପ୍ରମୋଦ ଉଦ୍ୟାନ ନିକଟସ୍ଥ ସଙ୍କଟମୋଚନ ହନୁମାନ ମନ୍ଦିର, ଗେଟ୍‌ବଜାର ରଘୁନାଥ ମନ୍ଦିର, ଆମ୍ବପୁଆ ଶ୍ୟାମସୁନ୍ଦର ମଠ, ଲାଞ୍ଜିପଲ୍ଲୀ ରଘୁନାଥ ମନ୍ଦିର, ନୀଳକଣ୍ଠେଶ୍ୱରମ ନ୍ଦିର,ଷ୍ଟେସନ ରୋଡସ୍ଥିତ ରାମଲିଙ୍ଗେଶ୍ୱର, ପାନବିକା ସାହି ସ୍ଥିତ ରଘୁନାଥ ମନ୍ଦିର ସମତେ ଅନ୍ୟ ମନ୍ଦିର ମାନଙ୍କରେ ଯାଥରୀତି ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଏହି ମନ୍ଦିର ଗୁଡ଼ିକରେ ଦିନ ତମାତ୍ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ସେହିଭଳି ଗେଟ ବଜାରସ୍ଥିତ ରଘୁନାଥ ମନ୍ଦିର ଠାରେ ଆଜି ପୂର୍ବାହ୍ନରେ ଏକ ସୁସଜ୍ଜିତ ରଥରେ ମହାପ୍ରଭୁ ଶ୍ରୀ ରାମଚନ୍ଦ୍ର, ମାତା ଜାନକୀ ଓ ଭ୍ରାତା ଲକ୍ଷ୍ମଣଙ୍କୁ ନେଇ ସହର ପରିକ୍ରମା କରାଯାଇଥିଲା। ପରେ ଶ୍ରୀରାମ ଓ ମାତା ଜାନକୀଙ୍କ କଲ୍ୟାଣ ଉତ୍ସବ ରୀତିନୀତି ସହକାରେ ପାଳିତ ହୋଇଥିଲା। ସେହିପରି ପୁରୁଣା ବ୍ରହ୍ମପୁର ସ୍ଥିତ ମାର୍ଥା ସାହିଠାରେ ବହୁ ପୁରାତନ ଶ୍ରୀରାମନ୍ଦିର ଠାରେ ବିଭିନ୍ନ ପ୍ରକାର ପୂଜାପାଠ ସହିତ ନୃତ୍ୟ ଗୀତର ଆସର ଜମିଥିବା ବେଳେ ମନ୍ଦିର କମିଟି ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଗଞ୍ଜାମର ପ୍ରସିଦ୍ଧ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଏତଦବ୍ୟତିତ କାମ୍ପସାହି, ବବାତୁଆରୀ ସାହି, ଖାସ୍ପା ସାହିସ୍ଥିତ ବଡ ଜଗନ୍ନାଥ ଓ ସାନଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ମଠ ଗୁଡିକରେ ମଧ ଶ୍ରୀରାମନବମୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ଅର୍ବାନ ବ୍ୟାଙ୍କ ସଭାପତି ଆର୍ ମୂରଲିଙ୍କ ସମେତ ବହୁ ଜନ ପ୍ରତିନିଧି ବିଭିନ୍ନ ମନ୍ଦିର ପରିଦର୍ଶନ କରି ରାମଚନ୍ଦ୍ରଙ୍କ ଆଶିଷ ନେଇଥିଲେ।




## ଲୋଚାପଡ଼ା ବ୍ୟାଙ୍କ କଲୋନୀ ହନୁମାନ ମନ୍ଦିରରୁ ଶୋଭାଯାତ୍ରା



ବ୍ରହ୍ମପୁର,୨୭(ସମିସ): ଲୋଚପଡା ବ୍ୟାଙ୍କ କଲୋନୀ ସ୍ଥିତ ହନୁମାନ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ଏବଂ ବୀର ସେନା ସହଯୋଗରେ ଏହି ଶୋଭାଯାତ୍ରା ରେଡ଼ିଓ ଷ୍ଟେସନ ବ୍ୟାଙ୍କ କଲୋନୀ ସ୍ଥିତ ହନୁମାନ ମନ୍ଦିର ଠାରୁ ବାହାରି ସିଟି ହସ୍ପିଟାଲ୍ ରୋଡ, କେ କେ କଲେଜ୍, ପିଭିଏନ୍ ରାଓ ପେଟ୍ରୋଲ ପମ୍ପ ରୋଡ ଦେଇ ଗେଟ ବଜାର ରଘୁନାଥ ମନ୍ଦିର ନିକଟରେ ପହଞ୍ଚି ସମାପ୍ତି ହୋଇଥିଲା। ପ୍ରଭୁ ଶ୍ରୀ ରାମଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ରଥ କରି ସହର ପରିକ୍ରମା କରାଯାଇଥିଲା। ଘଣ୍ଟ ଓ ମୃଦଙ୍ଗ ତାଳରେ ପ୍ରକମ୍ପିତ ହେଉଥିଲା ଶୋଭାଯାତ୍ରାଫ ଶୋଭାଯାତ୍ରାରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ଙ୍କ ଆଦର୍ଶଗତ ଜୀବନୀ ଓ ସମାଜ ପ୍ରତି ରହିଥିବା ସଂସ୍କାର ମୂଳକ ବାର୍ତ୍ତା ବିଷୟରେ ପ୍ରଚାର କରିଥିଲେ। ଏହି ଶୋଭାଯାତ୍ରାରେ ଚିତ୍ତ ରଞ୍ଜନ ପଣ୍ଡା, ରମେଶ ଚରଣ ତ୍ରୀପାଠୀ, , ଡା. ପ୍ରାଣ ଚାନ୍ଦ ପଣ୍ଡା, ଡ଼ ସତ୍ୟ ନାରାୟଣ ମିଶ୍ର, ସୁବାସ ସାହୁ,ବିଶ୍ୱ ହିନ୍ଦୁ ପରିଷଦ ଗଞ୍ଜାମ ଜିଲ୍ଲା ସଭାପତି ଅଜିତ କୁମାର ମହାପାତ୍ର, ମହାନଗର ଉପସଭାପତି ସୂର୍ଯ୍ୟ ନାରାୟଣ ଚୌଧୁରୀ, ଭୀରସେନା ଓ ବନବାସୀ କଲ୍ୟାଣୀ ଆଶ୍ରମର ଉପଦେଷ୍ଟା ପ୍ରମିତ ରଞ୍ଜନ ମହାପାତ୍ର, ସମ୍ପାଦକ ପି ପାୱନ କୁମାର, ଉପସଭାପତି ହୀରେନ କୁମାର ଓ ବୀର ସେନାର ଓ ବିଶ୍ୱହିନ୍ଦୁ ପରିଷଦର ବହୁ ସଦସ୍ୟ ସମେତ ସହରର ଅନେକ ଭକ୍ତବୃନ୍ଦ ଉପସ୍ଥିତ ରହିଥିଲେ।

# ପଦାସାହି ଶ୍ରୀରାମ ମନ୍ଦିରର ବାର୍ଷିକ ଉତ୍ସବ



ଜି.ଉଦୟଗିରି,୨୭ ।୩(ସମିସ): ଜି.ଉଦୟଗିରି ପଦାସାହିରେ ଶ୍ରୀରାମ ନବମୀ ଉପଲକ୍ଷେ ଆଜି ଅସ୍ଥାୟୀ ଶ୍ରୀରାମ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ରୀତିନୀତି ଅନୁଷ୍ଠିତ ହୋଇଥିବା ବେଳେ ନାମ ଯଜ୍ଞ, ଘୃତ ଯଜ୍ଞ, ଅନ୍ନଯଜ୍ଞ ଅନୁଷ୍ଠିତ ହୋଇ ବିମାନରେ ଠାକୁର ବାହାରି ସହର ପରିକ୍ରମା କରିଥିଲେ। ରାମ ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସଭାପତି ସନ୍ତୋଷ କୁମାର ବାଘ, ଉପସଭାପତି ଦୁର୍ଗା ମାଧବ ପଟ୍ଟନାୟକ, ସମ୍ପାଦକ ପ୍ରଶାନ୍ତ ବଗର୍ତି, କୋଷାଧ୍ୟକ୍ଷ ହେମନ୍ତ ପ୍ରଧାନ, କାର୍ଯ୍ୟକାରିଣୀ ସଭ୍ୟ ଅନିଲ କୁମାର ପଟ୍ଟନାୟକ , ସଂଜୀବ ପ୍ରଧାନ, ସୁଦାମ ପାତ୍ର, ପ୍ରଭାତ ମହାପାତ୍ର, ଦୀପକ ଦଳବେହେରା, ଲଳିତ ଦଳବେହେରାଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର ଓ ଶ୍ରୀରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା।

## ବିଦ୍ୟାଳୟରେ ଶ୍ରୀରାମ ନବମୀ ପାଳିତ

ପାରଳାଖେମୁଣ୍ଡି,୨୭ ।୩ (ସମିସ): ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ ପାଳିତ ହୋଇଛି।ଏହି ଅବସରରେ ପୁରୀ ଚନ୍ଦନପୁର ନିବାସୀ ପ୍ରସିଦ୍ଧ ରାମକଥା ବାଚକ ବସନ୍ତ କୁମାର ପଣ୍ଡା ଶ୍ରୀରାମଙ୍କ ଗୌରବମୟ ଚରିତ୍ରରୁ ଅନେକ ଉପାଦେୟ କଥା ବିଷୟରେ ଆଲୋକପାତ କରିବା ସହ ଦୈନନ୍ଦିନ ଜୀବନରେ ଶ୍ରୀରାମଙ୍କ ନୀତି ଆଦର୍ଶକୁ କିପରି ଅନୁକରଣ କରାଯାଇପାରିବ ସେ ସମ୍ବନ୍ଧରେ ଛାତ୍ରଛାତ୍ରୀ କହିଥିଲେ। ବିଦ୍ୟାଳୟର ଉପଦେଷ୍ଟା ଅନାଦି ପାଣିଗ୍ରାହୀ, ପ୍ରବଚକ ବସନ୍ତ କୁମାର ପଣ୍ଡା, ସହଯୋଗୀ ଦିଲୀପ ସ୍ୱାଇଁ ଓ ସୁକାନ୍ତ ପରିଡ଼ାଙ୍କୁ ଫୁଲମାଳ, ଶ୍ରୀଫଳ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରଛାତ୍ରୀ ଶ୍ରୀରାମ, ମାତାସୀତା, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଓ ହନୁମାନ ବେଶ ପକାଇ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିଚାଳନା କମିଟି କୋଷାଧ୍ୟକ୍ଷ ପ୍ରମୋଦ ପାଢ଼ୀଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ଏବଂ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗ କରିଥିଲେ।

## ରାମ ନବମୀରେ ସ୍ୱାସ୍ଥ୍ୟ ଶିବିର



ବ୍ରହ୍ମପୁର,୨୭(ସମିସ): ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ରାମ ନବମୀ ଦିବସ ଅବସରରେ ରାମ ଚରିତମାନସ ପାଠ ଓ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଡାକ୍ତର ନକୁଳ ସାହୁ, ପ୍ର.ଡାକ୍ତର ଚିନ୍ମୟ ପ୍ରସାଦ, ଡା. ନିବେଦିତା ମହାପାତ୍ର ଓ ଅନ୍ୟାନ୍ୟ ଚିକିତ୍ସକ ଉପସ୍ଥିତ ରହି ବାତ, ଅମ୍ଳପିତ୍ତ,ସ୍ତ୍ରୀ, ଚର୍ମ ଓ ଅର୍ଶ ରୋଗର ପରୀକ୍ଷା କରି ଚିକିତ୍ସା ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ। ଏନେଇ ଡ଼ାକ୍ତରୀ ଦଳ କହିଛନ୍ତି ଯେ, ବାହାରର ରାଗ, ଖଟା, ପୋଡ଼ା ତେଲ ଛଣା ଖାଦ୍ୟ ଖାଇବା, ବିଳମ୍ବିତ ରାତ୍ର ଯାଏଁ ଅନିଦ୍ରା, ଖରାରେ ଅଧିକ କାମ କରିବା, ଆଦୌ ପରିଶ୍ରମ ନକରିବା, ଯୋଗାସନ ନକରିବା ଓ ମାନସିକ ଅଶାନ୍ତି ଦ୍ୱାର ରୋଗ ହୁଏ ଏହା ପରିହାର କରାନ୍ତୁ। ଏ ଅବସରରେ ଶତାଧିକ ରୋଗୀଙ୍କ ଉପସ୍ଥିତ ହୋଇଥିଲେ। ଅନ୍ୟାନ୍ୟ ଔଷଧ କମ୍ପାନୀ ସହ ଜୁପିଟର କମ୍ପାନୀ କର୍ମକର୍ତ୍ତା ପ୍ରାୟୋଜକ ଥିଲେ। ଶିବିର ପରିଚାଳନାରେ ହରିହର ଭେଟ ମନ୍ଦିର ସେବା ସମିତି, କେ.ବାଳକୃଷ୍ଣ ପାତ୍ର, ସହଯୋଗ କରିଥିଲେ।

## ରାମ ନବମୀରେ ପଣା ବଣ୍ଟନ

ଜି.ଉଦୟଗିର,୨୭।୩(ସମିସ): ଜି.ଉଦୟଗିରି ଏକ ନମ୍ବର ୱାର୍ଡ ସ୍ଥିତ କକଟି ପାଙ୍ଗାରେ ଅବସ୍ଥିତ ଶ୍ରୀରାମ ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ପ୍ରେସକ୍ଲବ ତରଫରୁ ପଣା ବଣ୍ଟନ କରାଯାଇଥିଲା। ପରାମର୍ଶଦାତା ବିଦ୍ୟାଧର ପାଳ, ଦେବନାଥ ଦଳବେହେରା, ପତିତପାବନ ସାହୁ, ସଭାପତି ରାମକୃଷ୍ଣ ଚୌଧୁରୀ, ଉପସଭାପତି ପ୍ରସନ୍ନ କୁମାର ମିଶ୍ର, ସମ୍ପାଦକ ଅନିଲ କୁମାର ଦଳବେହେରା, ବଟକୃଷ୍ଣ ଦାସ, ପ୍ରତାପ ଚନ୍ଦ୍ର ପାଢ଼ୀ, ଦୁର୍ଗାପସାଦ ପଟ୍ଟନାୟକ,ଏନ. ରାଜା ରାଓ, ଅବନୀ ପ୍ରଧାନପଣା ବଣ୍ଟନ କରିଥିବା ବେଳ ମନ୍ଦିର ପରିଚାଳନା କମିଟିରୁ ଅନିଲ ପଟ୍ଟନାୟକ, ହେମନ୍ତ ପ୍ରଧାନ, ସୁଦାମ ପାତ୍ର, ଦୀପକ ଦଳବେହେରା, ସନ୍ତୋଷ ବାଘ ଓ ବାସୁଦେବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



## ଗଞ୍ଜାମରେ ଡଃ ପ୍ରବୀଣ ଭାଇ ତୋଗଡ଼ିଆଙ୍କୁ ସମ୍ବର୍ଦ୍ଧନା



ଗଞ୍ଜାମ,୨୭ ।୩(ସମିସ): ପବିତ୍ର ଶ୍ରୀରାମ ନବମୀ ଅବସରରେ ଗଞ୍ଜାମ ସହରରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଂସ୍ଥାପନ ଅଧ୍ୟକ୍ଷ ତଥା ଅଗଣିତ ହିନ୍ଦୁ ମାନଙ୍କ ହୃଦୟ ସମ୍ରାଟ ଡ଼ଃ ପ୍ରବୀଣ ଭାଇ ତୋଗଡ଼ିଆ ଭବ୍ୟ ସମର୍ଦ୍ଧନା ପ୍ରଦାନ କରାଯାଇଛି। ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ତଥା ରାଷ୍ଟ୍ରୀୟ ବଜରଙ୍ଗ ଦଳ ଗଞ୍ଜାମ ଶାଖା ପକ୍ଷରୁ ଆୟୋଜିତ ବାଇକ ଶୋଭାଯାତ୍ରାର ପ୍ରାରମ୍ଭରେ ଡ଼ଃ ତୋଗାଡିଆଙ୍କୁ ଦାମୋଦରପୁର ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ନିକଟରେ ଶତାଧିକ ଯୁବକ ସ୍ୱାଗତ କରିଥିଲେ। ଏହି ସମାବେଶରେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଓଡିଶା ପ୍ରଦେଶ ଅଧ୍ୟକ୍ଷ ବିଶ୍ୱନାଥ ପାତ୍ର, ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ, ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଭାପତି ଓଡିଶା ପୂର୍ବ ଦୀପକ କୁମାର ମହନ୍ତ, ଆନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଗଞ୍ଜାମ ଜିଲ୍ଲା ସଭାପତି ପୀତବାସ ସାହୁ, ରାଷ୍ଟ୍ରୀୟ ବଜରଙ୍ଗ ଦଳ ଜିଲ୍ଲା ସଭାପତି ସନ୍ତୋଷ କୁମାର ଖଟେଇ, ବଦ୍ରୀନାଥ ପଟନାୟକ, ବିଶ୍ୱନାଥ ପାତ୍ର, ସନ୍ତୋଷ ଖଟେଇ, ଦିନେଶ ଦାସ, ମନୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ତପସ୍ୟାକାଳୀନ ଆଧ୍ୟାତ୍ମିକ ନବୀକରଣ ଧ୍ୟାନ ଉଦ୍‌ଯାପିତ



ମୋହନା,୨୭।୩ (ସମିସ): ଗଜପତି ଜିଲ୍ଲା ଚାନ୍ଦିପୁଟ ସେଣ୍ଟ ମେରୀ କ୍ୟାଥଲିକ ଚର୍ଚ୍ଚରେ ତିନି ଦିନିଆ ତପସ୍ୟାକାଳୀନ ଆଧ୍ୟାତ୍ମିକ ନବୀକରଣ ଧ୍ୟାନ କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏହି ଧ୍ୟାନ ଶିବିରରେ ଗଞ୍ଜାମ ଜିଲ୍ଲା ଗୋପାଳପୁରର ଧ୍ୟାନଦାତା ଯାଜକ ଏଞ୍ଜେଲ ରଣସିଂ ଯୋଗ ଦେଇ ତିନି ଦିନ ଉପସ୍ଥିତ ରହି ଦିବ୍ୟ ପ୍ରସାଦ ଆରାଧନା, କୃଶ ପଥ ଏବଂ ଦିବ୍ୟଯଜ୍ଞ ସହ ପ୍ରଭୁ ଯୀଶୁଙ୍କ ବାକ୍ୟ ପ୍ରଚାର କରିଥିଲେ। ଏହି ଧ୍ୟାନ ଶିବିରରେ ଅଞ୍ଚଳର ଶତାଧିକ ଖ୍ରୀଷ୍ଟ ବିଶ୍ୱାସୀମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପାରିଶର ମୁଖ୍ୟ ଯାଜକ ଦେବାନନ୍ଦ ନାୟକଙ୍କ ସହ ଚାନ୍ଦିପୁଟ ମଣ୍ଡଳୀର କର୍ମକର୍ତ୍ତା ଗଣ ପରିଚାଳନା କରିଥିଲେ।

## ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ବୁଗୁଡ଼ା,୨୭।୩(ସମିସ): ବୁଗୁଡ଼ା ବ୍ଲକ ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ ହାତୀଗଣ୍ଡ ଗ୍ରାମରେ ଜନୈକା ବିଧବା ମହିଳା ପୋଖରୀରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ମୃତା ଜଣକ ହେଲେ ମେଘ ନାଇକ(୫୭)। ଘଟଣାରୁ ପ୍ରକାଶ ଯେ, ଆଜି ସକାଳ ୯ଟା ସମୟରେ ମେଘ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ଅପରାହ୍ନରେ ତାଙ୍କର ଶରୀର ପୋଖରୀରେ ଭାସମାନ ଅବସ୍ଥାରେ ଦେଖିବାକୁ ମିଳିଥିଲା। ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି କେସ୍ ନଂ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି।

## ଓଡ଼ିଆ ଭାଷା ସୁରକ୍ଷା ସଚେତନତା ସଭା



ରମ୍ଭା,୨୭ ।୩(ସମିସ): ରମ୍ଭା ସହରର ଗାୟତ୍ରୀ ଶକ୍ତି ପୀଠ ପରିସରରେ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାଂସ୍କୃତିକ ପରିଷଦ, ସମ୍ବାଦ ସାହିତ୍ୟ ଘର ଓ ଉତ୍କଳ ସଂଗ୍ରାମୀ ସ୍ମାରକୀ ପରିଷଦ ରମ୍ଭା ପକ୍ଷରୁ ଓଡ଼ିଆ ଭାଷା ସୁରକ୍ଷା ସଚେତନତା ସଭା ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ସ୍ମାରକୀ ପୀଠର ସଭାପତି ସୁବାସ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାଂସ୍କୃତିକ ପରିଷଦର ପଞ୍ଚାନନ ଖଟୁଆ, ଟ୍ରଷ୍ଟି ଉମାକାନ୍ତ ସାହୁ, ସମ୍ବାଦ ସାହିତ୍ୟ ଘର ଶେଷଦେବ ବେହେରା, କେ ସତ୍ୟ ନାରାୟଣ ଆଚାରି, ବିଜୟ ମିସ୍ତ୍ରୀ, ମୋଚିରମ ବେହେରା ଓ ରଥାଙ୍ଗ ରମଣ ନାହାକ ପ୍ରମୁଖ ଯୋଗଦେଇଥିଲେ। ଏହି ଭାଷା ସୁରକ୍ଷା ସଭାରେ ସରକାରୀ ନିୟମକୁ ପାଳନ କରିବା ନିମନ୍ତେ ଓଡ଼ିଆରେ ନାମ ଫଳକ ଲେଖିବାକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସରକାରୀ ଏବଂ ବେସରକାରୀ ସ୍ତରରେ ଓଡ଼ିଆ ଭାଷାକୁ ସର୍ବାଗ୍ରେ ଗୁରୁତ୍ୱ ଦିଆଯିବାକୁ ନିର୍ଦ୍ଦେଶ ଥିଲେ ସୁଦ୍ଧା ସଚେତନତାର ଅଭାବ ବୋଲି ଓଡ଼ିଆ ଭାଷା ସୁରକ୍ଷା ସଭାରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଓଡ଼ିଆ ଭାଷା ସୁରକ୍ଷା ନିମନ୍ତେ ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା।

# ଆରମ୍ଭ ହେଲା ୧୮ ଦିନିଆ ଦଣ୍ଡ ଯାତ୍ରା

ଭଞ୍ଜନଗର,୨୭ ।୩(ସମିସ)



ଆରମ୍ଭ ହୋଇଯାଇଛି ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡ ଯାତ୍ରା। ଜିଲ୍ଲାର ଏହି ଗଣ ପର୍ବରେ ପୂର୍ବରୁ ୨୧ ଦିନିଆ ଦଣ୍ଡ ନାଚ ଆରମ୍ଭ ହୋଇ ସାରିଥିବା ବେଳେ ଶୁକ୍ରବାର ଠାରୁ ସାମିଲ ହୋଇଛନ୍ତି ୧୮ ଦିନିଆ ଦଣ୍ଡ ଯାତ୍ରା ଦଳ। ଶୁକ୍ରବାର ଭଞ୍ଜନଗର ବ୍ଲକର ଜିଲୁଣ୍ଡି ଗ୍ରାମରେ ଦଣ୍ଡ ଯାତ୍ରାର ଶୁଭାରମ୍ଭ ହୋଇଛି। ଏଥିପାଇଁ ଗୁରୁବାର ଦିନ ପାଟ ଭୋକ୍ତା ଓ ଅନ୍ୟ ସହଯୋଗୀ ଦଣ୍ଡୁଆ ମାନେ ଗାଁ ଶିବ ମନ୍ଦିରରେ ରାତିସାରା ଅଧିଆ ପଡିଥିଲେ। ସକାଳୁ ଠାକୁରଙ୍କ ଆଜ୍ଞା ପାଇବା ପରେ ପାଟ ଭୋକ୍ତା ଓ ଅନ୍ୟ ଦଣ୍ଡୁଆ ମାନେ ଗାଁ ପାଖ ଜଙ୍ଗଲକୁ ଯାଇ ସେଠାରେ ପୂର୍ବରୁ ଗତବର୍ଷ ପୋତା ଯାଇଥିବା ଦଣ୍ଡକୁ ଖୋଜି ବାହାର କରିଥିଲେ। ପରେ ଉକ୍ତ ଦଣ୍ଡକୁ ଧରି ବାଜା ବାଜଣା ବଜାଇ ଏହି ଦଣ୍ଡୁଆ ମାନେ ଗାଁରେ ପ୍ରବେଶ କରିଥିଲେ। ସାହି ଦାଣ୍ଡ ପରିକ୍ରମା ପରେ ଏମାନେ ଗାଁ ପୋଖରୀରେ ସମସ୍ତ ପ୍ରକାର ଆନୁଷଙ୍ଗିକ ପୂଜା ବିଧି ସଂପନ୍ନ କରିଥିଲେ। ପରେ ଢୋଲ, ମହୁରୀ, ଝାଞ୍ଜ ଆଦି ବଜାଇ ଠାକୁରଙ୍କ ବାନା ଝୁଲ ଧରି ଦଣ୍ଡୁଆ ମାନେ ଶ୍ରୀ କଳା ରୁଦ୍ର ମଣିଙ୍କୁ ଭଜ ହେ ଧ୍ୱନିରେ ସମଗ୍ର ଇଲାକାକୁ ପ୍ରକମ୍ପିତ କରିଥିଲେ। ଏହି ସମୟରେ ହଜାରରୁ ଊର୍ଦ୍ଧ୍ୱ ମହିଳା ବ୍ରତ ରଖି ଉପାସ ରହି ପାଣିରେ ଅଧିଆ ପଡିଥିଲେ। ଆଉ ପାଟ ଦଣ୍ଡ ଉଠିବା ସହ ଏମାନଙ୍କ ବ୍ରତ ସମାପ୍ତ ହୋଇଥିଲା। ଶେଷରେ ଦଣ୍ଡୁଆ ମାନେ ଦଣ୍ଡ ଠାକୁରଙ୍କୁ ନେଇ ଗାଁ ଦାଣ୍ଡ ପରିକ୍ରମା କରିଥିଲେ। ଶୁକ୍ରବାର ଠାରୁ ୨୦ ଦିନ ବ୍ୟାପୀ ଗାଁ ଭିତରକୁ ଆମିଷ ନିଷେଧ କରାଯାଇଛି। ରାତିରେ ଦଣ୍ଡୁଆଙ୍କ ପଥଶ୍ରମ ଲାଘବ ପାଇଁ ସାମାଜିକ ନାଟକ 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ମଞ୍ଚସ୍ଥ ହୋଇଥିଲା।

